# ଛତ୍ରପୁରରେ ପ୍ରତିଷ୍ଠା ହେଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସ

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ, ଭିତ୍ତିପ୍ରସ୍ତର ସ୍ଥାପନ



ଓପନ୍ ଏୟାର୍ ଜିମ୍‌କୁ ଉଦ୍‌ଘାଟନ କରାଯାଉଛି।

**ଛତ୍ରପୁର,୪।୩(ଡି.ଏନ.ଏ.)**

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରରେ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା ହୋଇଛି। ପୂର୍ବରୁ ସର୍କିଟ୍ ହାଉସରେ ସୁଇମିଂ ପୁଲ୍ ଓ ଟେନିସ୍ କୋର୍ଟ ଉଦ୍‌ଘାଟିତ ହୋଇସାରିଛି। ଏହାର ନିକଟରେ ସୋମବାର ଓପନ୍ ଏୟାର ଜିମ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଏନ୍‌ଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ମନୋଜ ପାଢୀ, ଜି. ପାପା ରାଓ, ପୂର୍ବତନ କାଉନସିଲର ଟି. ଚନ୍ଦ୍ରଶେଖର ରାଓ, ବି ରାଜିବାବୁ ପ୍ରମୁଖ ଯୋଗଦେଇଥିଲେ। ସୁଇମିଂ ପୁଲ୍, ଟେନିସ କୋର୍ଟ ଓ ଓପନ୍ ଏୟାର ଜିମ୍‌କୁ ନେଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯାଇଥିବା ସୂଚନା ଦିଆଯାଇଛି। ଛତ୍ରପୁରରେ କ୍ରୀଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଦାନ ମଞ୍ଜୁର କରି ଚାଲିଥିବା ବିଧାୟକ ଡା. ପ୍ରଧାନ କହିଛନ୍ତି। ବିନା ମୂଲ୍ୟରେ ବ୍ୟାୟାମ କରିବାକୁ ଉକ୍ତ ଓପନ୍ ଏୟାର ଜିମ୍‌କୁ ଛତ୍ରପୁର ଏନ୍‌ଏସି ପକ୍ଷରୁ ପ୍ରତିଷ୍ଠା କରାଯାଇଛି। ଏଠାରେ ସିସି କ୍ୟାମେରା ଲଗାଇବା ସହ ସୁରକ୍ଷା କର୍ମୀ ମୁତୟନ, ଠିକ୍ ଭାବେ ରକ୍ଷଣାବେକ୍ଷଣ, ଫାଉଣ୍ଟେନ୍ ବ୍ୟବସ୍ଥା, ସୁନ୍ଦର ଗଛ ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୁଇମିଂ ପୁଲରେ ସୁଇମିଂ କରିବା ଓ ପ୍ରଶିକ୍ଷଣ ନେବା ପାଇଁ ଜିଲା କ୍ରୀଡା ଅଧିକାରୀଙ୍କୁ ସ୍ୱାସ୍ଥ୍ୟଗତ ପ୍ରମାଣପତ୍ର ସହ ଆବେଦନ କରିବାକୁ ଜିଲାପାଳ ସୂଚନା ଦେଇଛନ୍ତି। ସୁଇମିଂ ପାଇଁ ଜଣେ ଟ୍ରେନର କମ୍ ଲାଇଫ୍ ଗାର୍ଡ ରହିବେ। ଟେନିସ୍ ପାଇଁ କୋଚିଂ ବ୍ୟବସ୍ଥା କରାଯିବ। ଉକ୍ତ ଓପନ୍ ଏୟାର ଜିମ୍ ୯ ଲକ୍ଷ ଟଙ୍କା ବ୍ୟୟରେ ପକ୍ଷରୁ ନିର୍ମାଣ କରାଯାଇଛି। ଏଥିସହ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହସ୍ପିଟାଲ ସମ୍ମୁଖରେ ୨ନଂ. ଓ ୫ ନଂ. ୱାର୍ଡରେ ୩ଟି ଆମ ଶୌଚାଳୟକୁ ବିଧାୟକ ଡା. ପ୍ରଧାନ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ସହରରେ ୭ ଲକ୍ଷ ଟଙ୍କାର ଭ୍ରାମ୍ୟମାଣ ଶୌଚାଳୟର ଶୁଭାରମ୍ଭ ହୋଇଛି। ପିଲିବନ୍ଧର ଉନ୍ନତୀକରଣ, ଟୟ ଟ୍ରେନ୍ ଓ ବୋଟିଂ ପାଇଁ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଏନ୍‌ଏସି ପକ୍ଷରୁ ବ୍ୟୟ କରାଯିବ।

# ମନ୍ତ୍ରୀଙ୍କ ଦ୍ୱାରା ରାସ୍ତା ଶିଳାନ୍ୟାସ

**ରାଇକିଆ,୪।୩(ଡ଼ି.ଏନ.ଏ.)**

ରାଇକିଆ ସହରର ବୃନପଲ୍ଲୀ ଛକଠାରୁ ମାଣିକେଶ୍ୱର ଦେଇ କରଡ଼ା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉନ୍ନତୀକରଣ ପାଇଁ ସୋମବାର ଶିଳାନ୍ୟାସ ହୋଇଛି। ଗ୍ରାମ୍ୟ ଉନ୍ନୟନ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇ ଏହାର ଶିଳାନ୍ୟାସ କରିଥିଲେ। ଆୟୋଜିତ ସଭାରେ ଯୋଗ ଦେଇ ମନ୍ତ୍ରୀ କହିଥିଲେ, ଦୀର୍ଘ ବର୍ଷ ହେଲା ୫ ପଞ୍ଚାୟତର ପାଖାପାଖି ୩୦ ହଜାର ଲୋକ ଭଲ ରାସ୍ତା ନ ଥିବାରୁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଶେଷକରି କରଡ଼ା, ବାରବା, ରଣବା ଓ ଇନ୍ଦ୍ରଗଡ଼ ଅଞ୍ଚଳର ଲୋକେ ଏହି ରାସ୍ତା ନିର୍ମାଣ ହୋଇସାରିଲେ ଉପକୃତ ହେବେ ଏବଂ ଏଥିପାଇଁ ୧୬ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲିକ, ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ,ସ୍ୱତନ୍ତ୍ର ପରିଷଦ ସଦସ୍ୟା ତଥା ବିଜେଡ଼ି ବ୍ଲକ ସଭାନେତ୍ରୀ ଗୀତାଞ୍ଜଳି ନାୟକ, ପ୍ରଦୀପ ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ ଉପସ୍ଥିତ ଥିଲେ। ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ ସଂଯୋଜନା କରିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଶଙ୍କରାଖୋଲ,୪।୩(ଡି.ଏନ୍.ଏ.)**

ଚକାପାଦ ଥାନା ବ୍ରହ୍ମଣପାଦ ଗ୍ରାମରେ ଥିବା ନୂଆ ପୋଖରୀକୁ ସୋମବାର ଗାଧୋଇବାକୁ ଯାଇ ଗୋଡ଼ ଖସିଯିବାରୁ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପୁନିଆ ସାହୁ (୬୯)। ଥାନାଧିକାରୀ ତରୁଣ ତପନ ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ନଂ. ୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁନିଆ ଭୋରରୁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ସକାଳ ୯ଟାରେ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପରିବାର ଲୋକଙ୍କୁ ଜଣାଇବା ସହ ଉଦ୍ଧାର କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ପୁରୁଷୋତ୍ତମପୁର,୪।୩(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ତାରାତାରିଣୀ ପୀଠରେ ଥିବା ଶିକ୍ଷକ ଭବନ ପରିସରରେ ଗଞ୍ଜାମ ଜିଲା ପ୍ରାଥମିକ ଶିକ୍ଷକସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଶାଙ୍କ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଛତ୍ରପୁର ବ୍ଲକର ନବନିର୍ବାଚିତ ସଭାପତି ଜୟକୃଷ୍ଣ ବେହେରା ଓ ସମ୍ପାଦକ ସୁବୋଧ ଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ସରକାର ଘୋଷଣା କରିଥିବା କ୍ୟାଡର ରୁଲକୁ ତୁରନ୍ତ ଲାଗୁକରି ପଦୋନ୍ନତି ପ୍ରଦାନ ପାଇଁ ଦାବି କରାଯାଇଥିଲା। ବିଭିନ୍ନ ବ୍ଲକରେ ଶିକ୍ଷକମାନଙ୍କ ଏମଏସିପି ମଞ୍ଜୁର ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ଲାଗି ନିଷ୍ପତ୍ତି ନିଆଯାଇଥିଲା। କେତେକ ବ୍ଲକରେ ଶିକ୍ଷା ଅଧିକାରୀମାନେ ବାର୍ଷିକ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ବିଭିନ୍ନ ସର୍ତ୍ତ ଲାଗୁ କରୁଥିବାରୁ ଏହାକୁ ବିରୋଧ କରାଯାଇଥିଲା। ବିଭିନ୍ନ ବ୍ଲକରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସମ୍ମୁଖିନ ହୋଇଥିବା କିଛି ଶିକ୍ଷକମାନଙ୍କ ଘଟଣା ବିଷୟରେ ଉପଯୁକ୍ତ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଆସନ୍ତା ୧୭ରେ ଜିଲା ନିର୍ବାଚନ କରିବା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲାଗି ପ୍ରଧାନ ଶିକ୍ଷକ, ବରିଷ୍ଠ ଶିକ୍ଷକମାନଙ୍କୁ ନେଇ କର୍ମଶାଳା ଆୟୋଜନ କରାଯିବା ଲାଗି ସ୍ଥିର କରାଯାଇଥିଲା। ଶେଷରେ ନାରାୟଣ ଭୂୟାଁ ଧନ୍ୟବାଦ ଦେଇଥିଲେ। ଏଥିରେ ହରେକୃଷ୍ଣ ପାତ୍ର, ବିଜୟ କୁମାର ଦାଶ, ବ୍ଲକ ଶିକ୍ଷକ ସଂଘ ସଭାପତି ଅଜୟ କୁମାର ପରିଡା, ସମ୍ପାଦକ ରବୀନ୍ଦ୍ର ବେହେରା, ପି.ଧର୍ମା ରେଡ୍ଡୀ, ସୁବାସ ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ପଣ୍ଡା, ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଥିଲେ।





CLASSIFIED DISPLAY















## ସଂକ୍ଷେପରେ

### ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



**ଜି.ଉଦୟଗିରି,୪।୩(ଡି.ଏନ.ଏ.):** ସୋମବାର ମହାଶିବରାତ୍ରି ଉପଲକ୍ଷେ ଜି.ଉଦୟଗିରି ସହର ସମେତ ଆଖପାଖ ଅଞ୍ଚଳର ଶୈବପୀଠଗୁଡ଼ିକରେ ଭୋର ୪ଟାରୁ ଗହଳି ଆରମ୍ଭ ହୋଇଯାଇଛି। ଜି.ଉଦୟଗିରି ସହର ଧବଳେଶ୍ୱର ମନ୍ଦିରରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ଆନନ୍ଦେଶ୍ୱର ମନ୍ଦିର, କଳିଙ୍ଗା ଘାଟିର ଗୁପ୍ତେଶ୍ୱର ମନ୍ଦିରରେ ଗହଳି ଲାଗି ରହିଥିଲା। ସବୁଠାରୁ ଅଧିକ ଜନଗହଳି ଡୁଙ୍ଗୀ ଶିବ ମନ୍ଦିରରେ ଦେଖିବାକୁ ମିଳିଥିଲା। ଜି.ଉଦୟଗିରି ଧବଳେଶ୍ୱର ମନ୍ଦିରର ବିଳମ୍ବିତ ରାତିରେ ମହାଦୀପ ଉଠିବ ବୋଲି ପୂଜକ ସନ୍ତୋଷ ମୁନି କହିଛନ୍ତି। ସନ୍ଧ୍ୟା ବେଳେ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ପାଳୁଛନ୍ତି।

### ବିଭିନ୍ନ ଶୈବପୀଠରେ ଶିବରାତ୍ରି

**ବୁଗୁଡ଼ା,୪।୩(ଡି.ଏନ.ଏ.):** ବୁଗୁଡ଼ାର ଐତିହାସିକ ପର୍ଯ୍ୟଟନ କେନ୍ଦ୍ର ବୁଦ୍ଧଖୋଲ ସମେତ ବିଭିନ୍ନ ଶୈବପୀଠରେ ସୋମବାର ମହାଶିବରାତ୍ରି ତଥା ଜାଗର ଉତ୍ସବ ପାଳିତ ହୋଇଯାଇଛି। ବୁଦ୍ଧଖୋଲରେ ଅବସ୍ଥିତ ପଞ୍ଚଶମ୍ଭୁଙ୍କଠାରେ ମହାଶିବରାତ୍ରି ପାଳିତ ହୋଇଥିବା ବେଳେ ଏଠାରେ ପ୍ରଥମ ଥର ପାଇଁ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପ୍ରତାପଧନଞ୍ଜୟପୁର ସକଳେଶ୍ୱର ମନ୍ଦିରର ଏକ ଲକ୍ଷ ଦୀପ ସହ ଘୃତଯଜ୍ଞ ମଧ ଅନୁଷ୍ଠିତ ହୋଇଯାଇଛି। ସେହିପରି କଇମ ନିକଟସ୍ଥ କୁବେରେଶ୍ୱର, ଭାମଶାଳିର ଲୋକନାଥେଶ୍ୱର, ଗୋଲିଆର ଲଙ୍ଗଳେଶ୍ୱର, ମାଣିତରାର କପିଳେଶ୍ୱର, ବାଲିପଦରର ନୀଳକଣ୍ଠେଶ୍ୱର, ବୁଗୁଡ଼ାର କାଶୀ ବିଶ୍ୱନାଥ ଓ ବାଲୁଙ୍କେଶ୍ୱର, ଉଦୟପୁର ଶିବ ମନ୍ଦିର ସମେତ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ସହ ମହାଶିବରାତ୍ରି ପାଳିତ ହୋଇଯାଇଛି।

### ଦୁର୍ଘଟଣାରେ ୩ ଗୁରୁତର

**ଗୋପାଳପୁର,୪।୩:** ୧୬ନଂ. ଜାତୀୟ ରାଜପଥ କନିଷି ହାଟ ଓ କନିଷି ଗ୍ରାମ ମଝିରେ ରବିବାର ମଧରାତିରେ ହାଇୱା ସହ ଟ୍ରକ ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଭୁବନ ଅଞ୍ଚଳର ଟ୍ରକ ଚାଳକ ପ୍ରଶାନ୍ତ ମଲିକ (୨୮), ହେଲପର ଅରୁଣ ସେନାପତି (୨୫) ଓ ହାଇୱା ଚାଳକ ଭାଗୀରଥି ପ୍ରଧାନ। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି। ଏ ନେଇ ପୋଲିସ ନଂ. ୪୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ମଧରାତିରେ ଏକ ହାଇୱା ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ ପଛପଟୁ ଯାଜପୁରରୁ କ୍ରୋମାଇଟ ବୋଝେଇ କରି ଆସୁଥିବା ଏକ ଟ୍ରକ ଗୋଳନ୍ଥରା ଥାନା କନିଷି ଗ୍ରାମ ମଧରେ ହାଇୱାକୁ ଧକ୍କା ଦେଇଥିଲା। ହାଇୱାଟି ଡିଭାଇଡର ଉପରେ ଓଲଟିଯିବା ସହ ଟ୍ରକଟି ବିଲ ତଳକୁ ଖସି ପଡ଼ିଥିଲା।

■ ଜାନିବିଲି ପ୍ରକଳ୍ପରୁ ତୁରନ୍ତ ଜଳଯୋଗାଣ ଦାବି

# ଦ୍ୱିତୀୟ ଦିନରେ ଭାଜପା କର୍ମୀଙ୍କ ଆମରଣ ଅନଶନ

**ବ୍ରହ୍ମପୁର ଅଫିସ,୪।୩**



ଆମରଣ ଅନଶନରେ ବସିଥିବା ଭାଜପା କର୍ମୀମାନେ।

ବ୍ରହ୍ମପୁର ମହାନଗରର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସମ୍ପୂର୍ଣ୍ଣ ୪୩୧ କୋଟିର ଜାନିବିଲି ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି । ଅସମ୍ପୂର୍ଣ୍ଣ କାର୍ଯ୍ୟ ହେତୁ ଏହା ବର୍ତ୍ତମାନ ସୁଦ୍ଧା ସହରବାସୀଙ୍କ ପ୍ରତ୍ୟେକ ଘରକୁ ଜଳଯୋଗାଣ ସନ୍ଦେହ ଘେରରେ ରହିଛି । ସହରର ପ୍ରତ୍ୟେକ ଅଞ୍ଚଳକୁ ଜଳଯୋଗାଣ ନେଇ ପାଇପ୍‌ଲାଇନ ବିଛାଯିବା କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ନିର୍ବାଚନରେ ଭୋଟ ହାତେଇବାକୁ ତରବରିଆ ଭାବେ ରାଜ୍ୟ ସରକାର ଜାନିବିଲି ପ୍ରକଳ୍ପକୁ ନାମକୁ‌ମାତ୍ର ଉଦ୍‌ଘାଟନ କରିଛନ୍ତି ବୋଲି ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି । ଏହି ପ୍ରକଳ୍ପରୁ ସହରର ସମସ୍ତ ଘରକୁ ତୁରନ୍ତ ଜଳ ଯୋଗାଣ ଦାବିରେ ରାମ କୁମାର ପାତ୍ରଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ରବିବାର ମଧ୍ୟାହ୍ନରୁ ଉତ୍କଳ ଆଶ୍ରମ ରୋଡସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି। ଏହି ପ୍ରକଳ୍ପରେ କେନ୍ଦ୍ର ସରକାରଙ୍କ ଅମୃତ ଯୋଜନା ଓ ରାଜ୍ୟ ସରକାରଙ୍କ ନିଜସ୍ୱ ଅର୍ଥ ବିନିଯୋଗ ହୋଇଛି । କିନ୍ତୁ ରାଜ୍ୟ ସରକାର ଲୋକଙ୍କୁ ଦୀର୍ଘ ୧୦ ବର୍ଷ ଧରି ପ୍ରକଳ୍ପ ନିର୍ମାଣ ଓ ଜଳଯୋଗାଣ ନେଇ ମିଥ୍ୟା ଆଶା ଦେଖାଇ ଆସୁଛନ୍ତି। କେନ୍ଦ୍ର ସରକାରଙ୍କ ଟଙ୍କାକୁ ନିଜସ୍ୱ ପ୍ରଚାରରେ ଖର୍ଚ୍ଚ କରି ସହରବାସୀଙ୍କୁ ପାଣି ଯୋଗାଇବାକୁ ନେଇ ଭଣ୍ଡାଇ ଆସୁଛନ୍ତି। ଅପରପକ୍ଷେ ଉଦ୍‌ଘାଟିତ ହୋଇଥିବା ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟରେ ମଧ ତ୍ରୁଟି ଦେଖାଦେଇଛି । ଲୋଚାପଡା ସମେତ ବିଭିନ୍ନ ସ୍ଥାନରେ ନୂତନ ପାଇପଲାଇନ

**ସବୁ ଘରକୁ ଜଳଯୋଗାଣ ନ ହେବା ଯାଏ ହଟିବିନି**

ଫାଟି ରାସ୍ତାରେ ଚାଲୁଛି । ଏହି ପ୍ରକଳ୍ପରେ ସମସ୍ତ ଘରକୁ ଜଳଯୋଗାଣ ପାଇଁ ୧୮ ଓଭରହେଡ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ। ନିର୍ମାଣ କାର୍ଯ୍ୟକୁ ଲକ୍ଷ୍ୟ କଲେ ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ଏହି ପ୍ରକଳ୍ପରୁ ଜଳଯୋଗାଣ ଅସମ୍ଭବ ମନେ ହେଉଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ପ୍ରତିଘରକୁ ଜଳଯୋଗାଣ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ ଚାଲୁ ରହିବ ବୋଲି ରାମ କୁମାର ପାତ୍ର କହିଛନ୍ତି। ଅନଶନକୁ ଦୁଇଦିନ ବିତିଥିବା ବେଳେ ଏଯାଏ କୌଣସି ବିଭାଗୀୟ ଅଧିକାରୀ ତଥା ଶାସକ ଦଳ ନେତା ସେମାନଙ୍କୁ ନିକଟକୁ ଆସି ନ ଥିବା କର୍ମୀମାନେ କହିଛନ୍ତି। ଏହି ଅନଶନରେ କିରଣ କୁମାର ସାହୁ, ରାଜେଶ ମାଝି, ହୃଷୀକେଶ ପାଢୀ, ଅଖିଳ ସାହୁ, କମଳ ପାତ୍ର, ମଧୁସୂଦନ ସାହୁ, କାଳୀଚରଣ ଦାଶ, ଶ୍ୟାମ ପ୍ରଧାନ ଓ ହରେକୃଷ୍ଣ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଛନ୍ତି ।

■ ଗଞ୍ଜାମ ଜିଲା କଂଗ୍ରେସର ଅଭିଯୋଗ

# ଜାନିବିଲି ପାଣିକୁ ନେଇ ବିଜେଡି ରାଜନୀତି କରୁଛି

**ବ୍ରହ୍ମପୁର ଅଫିସ,୪।୩**

ଜାନିବିଲି ଜଳଯୋଗାଣ ପ୍ରକଳ୍ପକୁ ନେଇ ବିଜେଡି ରାଜନୀତି କରୁଛି। ବ୍ରହ୍ମପୁରବାସୀଙ୍କ ଦୀର୍ଘ ୩ ଦଶନ୍ଧିର ଲଢ଼େଇ ଯୋଗୁ ଏହି ଯୋଜନା କରାଯାଇଛି। ଏଥିପାଇଁ ୪ ଶତାଧିକ କୋଟି ଟଙ୍କା ଜାପାନର ଏକ ବ୍ୟାଙ୍କରୁ ଋଣ ଅଣାଯାଇଛି। ସୁଧ ସହ ମୂଳ ଟଙ୍କା ବିଭିନ୍ନ ଭାବରେ ମହାନଗରବାସୀ ଗଣିବାକୁ ପଡ଼ିବାର ସ୍ପଷ୍ଟ ହୋଇଛି। ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଏଭଳି ସଙ୍ଗିନ ଅଭିଯୋଗ କରାଯାଇଛି। ଅପରପକ୍ଷେ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ଭୋଟ ରାଜନୀତି ପାଇଁ ତରବରିଆ ଭାବେ ଲୋକାର୍ପଣ କରାଯାଇଥିବା କଡ଼ା ସମାଲୋଚନା କରିଛି କଂଗ୍ରେସ। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତିପୀତବାସ ପଣ୍ଡା ସୋମବାର ଆହୁରି କହିଛନ୍ତି, ୩ ବର୍ଷ ତଳେ ହଳଦିଆପଦର ବସ୍ ଟର୍ମିନାଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ନ ହୋଇ ଫାଟକରେ ତାଲା ଝୁଲୁଛି। ଆଉ କେତେକ ପ୍ରକଳ୍ପ କେବଳ ଶିଳାନ୍ୟାସରେ ସୀମିତ ରହିଛି। ନିର୍ବାଚନ ବେଳକୁ ବ୍ରହ୍ମପୁର ବିକାଶ କଥା ମୁଖ୍ୟମନ୍ତ୍ରୀଙ୍କ ମନେ ପଡୁଛି। ଅଧାପନ୍ତରିଆ କାର୍ଯ୍ୟ ତାଙ୍କ ଦ୍ୱାରା ଲୋକାର୍ପିତ କରାଇ ଦଳର ସ୍ଥାନୀୟ ନେତା ବାହାବା ନେଉଥିବା ପଣ୍ଡା କଟାକ୍ଷ କରିଛନ୍ତି। ଏଭଳି ସ୍ଥିତିରେ ଏବେ ଜାନିବିଲି ପାଣିକୁ ନେଇ ବିଜେଡି ରାଜନୀତି ନ କରିବାକୁ କଂଗ୍ରେସ ଚେତାବନୀ ଦେଇଛି। ଜାନିବିଲି ପ୍ରକଳ୍ପର ଠିକା ସଂସ୍ଥା ପାଇପ ଲାଇନ ବିଛାଇବା ପାଇଁ ସମସ୍ତ ରାସ୍ତା ଖୋଳି କଦର୍ଯ୍ୟ କରି ଦେଇଛି। ସେସବୁ ତୁରନ୍ତ ପୁନରୁଦ୍ଧାର ନ କଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜୋରଦାର ହେବା ସତର୍କ କରି ଦେଇଛନ୍ତି କାର୍ଯ୍ୟକାରୀ ସଭାପତି ।

■ ନଟରାଜ ମହୋତ୍ସବ

# ମୁଖ୍ୟ ଆକର୍ଷଣ ଗୀତିନାଟ୍ୟ 'ଦେବଦାସୀର ସ୍ୱପ୍ନ'

**ବ୍ରହ୍ମପୁର ଅଫିସ,୪।୩**

ମହାଶିବରାତ୍ରି ଅବସରରେ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ନଟରାଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟି ଓ ସଙ୍ଗୀତ କଳା ନିକେତନ, ଲକ୍ଷ୍ୟ ନାଟ୍ୟଶାଳା ମିଳିତ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବକୁ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କମିଟି ସଭାପତି କଳୀକିଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମେଜର ରମାରମଣ ପାଢୀ, ଡ. କୁଳମଣି ଓଝା, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମନ୍ଦିର ପରିସରରେ ଗତ ଫେବୃୟାରୀ ୧୪ରେ ପୁଲୱାମା ଆତ୍ମଘାତୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉତ୍ସବର ମୁଖ୍ୟଆକର୍ଷଣ ସାଜିଥିଲା ପୁରୀର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପକ୍ଷରୁ ପରିବେଶିତ ଗୀତିନାଟ୍ୟ ଦେବଦାସୀର ସ୍ୱପ୍ନ । ଏଥିସହ ଭିନ୍ନକ୍ଷମ ସାଂସ୍କୃତିକ ଅନୁଷ୍ଠାନ ସମେତ ବ୍ରହ୍ମପୁର ସହରର ସାଂସ୍କୃତିକ ଅନୁଷ୍ଠାନର ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ମନୋଜ କୁମାର ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସତୀଶ ପାତ୍ର, ଶଙ୍କର୍ଷଣ ପାତ୍ର, ନୀଳକଣ୍ଠ ସାହୁ, କାର୍ତ୍ତିକ ପାଣିଗ୍ରାହୀ, ରଶ୍ମିତା ଦଳାଇ ଓ ଉମେଶ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

■ ବିଜୟ ସଂକଳ୍ପ ଯାତ୍ରାରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ

# 'କେନ୍ଦ୍ର ଅବହେଳା ମିଛ କଥା'




ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେଉଛନ୍ତି ମନ୍ତ୍ରୀ ମନୋଜ ସିହ୍ନା ।

**ବ୍ରହ୍ମପୁର ଅଫିସ,୪।୩**

ଓଡ଼ିଶାର ବିକାଶ କରିବାରେ ଗତ ୧୯ବର୍ଷର ବିଜେଡି ସରକାର ସଂପୂର୍ଣ୍ଣ ବିଫଳ ହୋଇଛି । ବାରମ୍ବାର କେବଳ କେନ୍ଦ୍ର ଅବହେଳା କଥା କୁହାଯାଉଛି। ହେଲେ ପୂର୍ବରୁ ଉପା ସରକାର ଅମଳରେ ରାଜ୍ୟକୁ ଯେତିକି କେନ୍ଦ୍ର ଅନୁଦାନ ଦିଆଯାଇଥିଲା, ତାହାଠୁ ଢ଼େର୍ ଗୁଣ ଅଧିକ ଭାଜପା ସରକାର ଅମଳରେ ରାଜ୍ୟକୁ ପ୍ରଦାନ କରାଯାଇଛି । ୨୦୦୯ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଓଡ଼ିଶାକୁ ୧ ଲକ୍ଷ ୫ହଜାର ୮୧୪କୋଟି ଟଙ୍କାର ଅନୁଦାନ ମିଳିଥିଲା । କିନ୍ତୁ ମୋଦି ସରକାରଙ୍କ ସମୟରେ ୨ଲକ୍ଷ ୩୬ହଜାର କୋଟି ଟଙ୍କାର ଅନୁଦାନ ଦିଆଯାଇଛି । ଯଦି କେନ୍ଦ୍ର ସରକାର ଅନୁଦାନ ନ ଦେବ, ତେବେ ରାଜ୍ୟ ସରକାର ନିଜ କର୍ମଚାରୀଙ୍କୁ ଦରମା ମଧ୍ୟ ଦେଇପାରିବେ ନାହିଁ । ଏଣୁ କେନ୍ଦ୍ର ଅବହେଳା ବିଜେଡିର ଏକ ବାହାନା । ଏହା ସମ୍ପୂର୍ଣ୍ଣ ମିଛ କଥା ବୋଲି କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ପ୍ରକାଶ କରିଛନ୍ତି ।

ବ୍ରହ୍ମପୁର ସହର ଉପକଣ୍ଠ ତଥା ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଚାପଡାରେ ଗଞ୍ଜାମ ଜିଲା ଭାଜପା ତରଫରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେଇ ସେ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ କଡ଼ା ସମାଲୋଚନା କରିଥିଲେ । ଅପରାହ୍ନ ପ୍ରାୟ ୩ଟାରେ ମନ୍ତ୍ରୀ ସିହ୍ନା ହେଲିକପ୍ଟରରେ ଆସି ଲୋଚାପଡା ସ୍କୁଲ ପଡିଆରେ ଓହ୍ଲାଇଥିଲେ । ଆସନ୍ତା ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପା ଜିତିଲେ ଏହି ରାଜ୍ୟକୁ ଏକ ସ୍ୱତନ୍ତ୍ର ଏବଂ ବିକଶିତ ରାଜ୍ୟ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଭାଜପା ପୁଣି ଥରେ ଲୋକ ସଭା ନିର୍ବାଚନରେ ବିପୁଳ ବିଜୟ ଲାଭ କରିବ । ନରେନ୍ଦ୍ର ମୋଦି ପୁଣି ଥରେ ପ୍ରଧାନମନ୍ତ୍ରୀ ହେବେ ବୋଲି ସେ କହିଥିଲେ । ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଅନୁ ଚୌଧୁରୀ, ବ୍ରହ୍ମପୁର ଲୋକ ସଭା ସହ ପ୍ରଭାରୀ ପବିତ୍ର ମୋହନ ଦାଶ, ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା, ସୁନୀଲ ସାହୁ, ପ୍ରଭାତ ଷଡଙ୍ଗୀ, ଯୁବମୋର୍ଚ୍ଚାର ଶୁଭାଶିଷ ସାହୁ, ଏନ୍. ରାଜେନ୍ଦ୍ର କୁମାର, ଡା.ସୁବାସ ସାହୁ, ରାଜେଶ ସାହୁ, ବିନୋଦ ମିଶ୍ର, ଧରଣୀଧର ବେହେରା ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବ୍ରହ୍ମପୁର ଶିଳ୍ପାଞ୍ଚଳ ମଣ୍ଡଳ ପକ୍ଷରୁ ବ୍ରହ୍ମପୁରରୁ ପୁରୀକୁ ସ୍ୱତନ୍ତ୍ର ମେମୋ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ପୋଖରୀରେ ବୁଡ଼ି ଛାତ୍ର ମୃତ

**ଗୋପାଳପୁର,୪।୩**

ସିଆରପିଏଫ ଜିଡି ପରୀକ୍ଷା ଦେବା ପାଇଁ ଆସିଥିବା ଜଣେ ଛାତ୍ରଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ସେ ହେଲେ ଭବାନୀପାଟଣା ମେଦିନିପୁରର କୁମାର ମାନି ସାହୁଙ୍କ ପୁଅ ତୋଷିରାଜ (୧୯)। ଗୋଳନ୍ଥରା ଥାନା ଅନ୍ତର୍ଗତ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟରେ ରବିବାର ସିଆରପିଏଫ ଜିଡି ପରୀକ୍ଷା ଥିବା ବେଳେ ତୋଷିରାଜ ପରୀକ୍ଷା ଦେଇଥିଲେ।

ସେ ଭାଲିଆଗଡ଼ ନିକଟ ବଡ଼ବନ୍ଧକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ସେଠାରେ ବୁଡ଼ିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଅପରାହ୍ନରେ ତୋଷିରାଜଙ୍କ ମୃତଦେହ ଭାସୁଥିବା ବେଳେ ଭାଲିଆଗଡ଼ ଗ୍ରାମବାସୀ ଏହା ଦେଖିଥିଲେ। ଏନେଇ ଖବର ଦେବା ପରେ ପୋଲିସ ଓ କନିଷି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ନଂ. ୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।



ପୋଖରୀରେ ଭାସୁଥିବା ମୃତଦେହ।

# ୧୦ ମିଲରଙ୍କ ନାଁରେ ଏତଲା ଦେବାକୁ ନିର୍ଦ୍ଦେଶ

**ଛତ୍ରପୁର,୪।୩(ଡି.ଏନ.ଏ.)**

**ଚାଉଳ ପୈଠ ନ କରିବା ପ୍ରସଙ୍ଗ**

ଗଞ୍ଜାମ ଜିଲାର ୧୦ ଜଣ ମିଲରଙ୍କ ନାଁରେ ସ୍ଥାନୀୟ ଥାନାଗୁଡ଼ିକରେ ଏତଲା ଦେବାକୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଗଞ୍ଜାମ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଆସିଛି। ମିଲିଂ କରି ଚାଉଳ ଦେବାକୁ ଉକ୍ତ ମିଲରମାନେ ୨୦୧୨-୧୩ରେ ଧାନ ନେଇଥିଲେ । ମାତ୍ର ସବୁ ଚାଉଳ ଦେଇନଥିଲେ । ଏଥିପାଇଁ ଉକ୍ତ ଚାଉଳ ବାବଦରେ ଟଙ୍କା ଦେବାକୁ ଯୋଗାଣ ନିଗମ ନିର୍ଦ୍ଧାରଣ କରିଥିଲା । ମାତ୍ର ଚାଉଳ ବାବଦରେ ଉକ୍ତ ଟଙ୍କା ଏହି ୧୦ ଜଣ ମିଲର ବର୍ତ୍ତମାନ ସୁଦ୍ଧା ପୈଠ କରିନାହାନ୍ତି । ଏହି ପରିପ୍ରେକ୍ଷୀରେ ଉକ୍ତ ମିଲରମାନଙ୍କ ଉପରେ ଉଭୟ ସିଭିଲ ଓ କ୍ରିମିନାଲ କାର୍ଯ୍ୟାନୁଷ୍ଠାନ ନେବାକୁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଜେନେରାଲ ମ୍ୟାନେଜର (ପିଡିଏସ୍) ସନ୍ତୋଷ କୁମାର ଦାଶଙ୍କ ପକ୍ଷରୁ ପୃଥକ ନିର୍ଦ୍ଦେଶନାମା ଫେବୃୟାରୀ ୨୭ ତାରିଖରେ (ନଂ ୩୨୫୭, ୩୨୫୫, ୩୨୫୧, ୩୨୪୭ ଓ ୩୧୨୧) ଏବଂ ମାର୍ଚ୍ଚ ୨ ତାରିଖରେ (ନଂ-୩୩୪୭, ୩୩୪୫, ୩୨୫୩ ) ଜିଲା ଯୋଗାଣ ଅଧିକାରୀଙ୍କ ନିକଟକୁ ଆସିଛି । ମିଳିଥିବା ସୂଚନା ଅନୁସାରେ ଧରାକୋଟ ତହସିଲ ବାହାଡାଗୁଡା ମହାବୀର ରାଇସ୍ ମିଲ୍ ବକେୟା ବାବଦରେ ୪ ଲକ୍ଷ ୩୨ ହଜାର ୮୦୬ ଟଙ୍କା ପୈଠ କରି ନ ଥିବା ବେଳେ ଖଲ୍ଲିକୋଟ ବାଦିନୂଆଗାଁର ବୁଢୀମା ଠାକୁରାଣୀ ରାଇସ୍ ମିଲ୍ ୨୭ ଲକ୍ଷ ୩୩ ହଜାର ୧୯୦ ଟଙ୍କା, ପୋଲସରା ଅଧୀନ ବେଲଗାଁର ସିଂହାସିନୀ ରାଇସ୍ ମିଲ୍ ୫୬ ଲକ୍ଷ ୨୬ ହଜାର ୩୬୦ ଟଙ୍କା, ଲକ୍ଷ୍ମଣପଲ୍ଲୀର ଫୁଲ ଠାକୁରାଣୀ ରାଇସ୍ ମିଲ୍ ୭ ଲକ୍ଷ ୨୨ ହଜାର ୯୩୭ ଟଙ୍କା, ମା' କାଳୀ ରାଇସ୍ ମିଲ୍ ୨୬ ଲକ୍ଷ ୧୧ ହଜାର ୮୬୭ ଟଙ୍କା, ପଦ୍ମପୁର ନିକଟ ମାଝିଗାଁର ସୁବାସ ରାଇସ୍ ମିଲ୍ ୧୨ ଲକ୍ଷ ୧୬୨ ଟଙ୍କା, ବଡକୁଶସ୍ଥଳୀର ଶଙ୍କର ରାଇସ୍ ମିଲ୍ ୫ ଲକ୍ଷ ୬୨ ହଜାର ୭୮୩ ଟଙ୍କା, ରୁଦ୍ରକାଳୀ ରାଇସ୍ ମିଲ୍ ୧୧ ଲକ୍ଷ ୮୯ହଜାର ୬୮ ଟଙ୍କା, ନାରାୟଣୀ ରାଇସ୍ ମିଲ୍ ୩ ଲକ୍ଷ ୬୨ ହଜାର ୪୬୭ ଟଙ୍କା ଓ ଲିଙ୍ଗରାଜ ରାଇସ୍ ମିଲ୍ ଉପରେ ୫ ଲକ୍ଷ ୧୦ ହଜାର ୯୨୨ ଟଙ୍କା ବକେୟା ରହିଛି।

■ ବ୍ରହ୍ମପୁର ଷ୍ଟେଶନ୍‌ର ଉନ୍ନତୀକରଣ

# ଏସ୍କାଲେଟର୍, ଫୁଟ୍‌ଓଭରବ୍ରିଜ୍ ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ୍,୪।୩**

ବ୍ରହ୍ମପୁର ରେଳ ଷ୍ଟେଶନରେ ସୋମବାର ନୂତନ ଏସ୍କାଲେଟର୍ ଏବଂ ଫୁଟ୍ ଓଭରବ୍ରିଜ୍ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଏବଂ ସଞ୍ଚାର ମନ୍ତ୍ରୀ(ସ୍ୱାଧୀନ) ମନୋଜ ସିହ୍ନା ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଏହି ଦୁଇଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରେଳ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୪ନମ୍ବର ପ୍ଲାଟ୍‌ଫର୍ମରେ ଏସ୍କାଲେଟର୍ ପ୍ରାୟ ଦୁଇ ମାସ ପୂର୍ବରୁ ନିର୍ମାଣ ହୋଇଯାଇଥିଲା । କିନ୍ତୁ ଏହି ଏସ୍କାଲେଟର୍‌ରେ ବହୁ ସଂଖ୍ୟାରେ ଯାତ୍ରୀ ଏକା ସମୟରେ ଚଢ଼ିବା ଫଳରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ଏହାକୁ ବନ୍ଦ କରିଦିଆଯାଇଥିଲା। କିନ୍ତୁ ମରାମତି ପରେ ସୋମବାର ଏହି ଏସ୍କାଲେଟର୍‌କୁ ଉଦ୍‌ଘାଟନ କରାଯାଇଛି। ବିଶେଷକରି ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଏହା ଲାଭଦାୟକ ହେବ ବୋଲି କୁହାଯାଉଛି। ଏଥି ସହ ଏକ ଏବଂ ଦୁଇ ନମ୍ବର ପ୍ଲାଟଫର୍ମ ବଦଳରେ ଏଣିକି କେତେକ ଟ୍ରେନ୍‌କୁ ୪ନମ୍ବର ପ୍ଲାଟ୍‌ଫର୍ମରେ ଛଡ଼ାଯିବ। ସେହିଭଳି ଦୁଇ ନମ୍ବରରୁ ୩ ଏବଂ ଚାରି ନମ୍ବର ପ୍ଲାଟଫର୍ମକୁ ସଂଯୋଗ କରୁଥିବା ଫୁଟ୍ ଓଭରବ୍ରିଜ୍ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ପରେ ଏହାକୁ ସର୍ବସାଧାରଣ ବ୍ୟବହାର ପାଇଁ ଖୋଲାଯାଇଥିଲା। ବ୍ରହ୍ମପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିନିୟର୍ ଡିଭିଜନାଲ୍ ଇଞ୍ଜିନିୟର୍ ପୃଥ୍ୱୀରାଜ୍ ପାଣିଗ୍ରାହୀ, ଆସିଷ୍ଟାଣ୍ଟ କମର୍ସିଆଲ୍ ମ୍ୟାନେଜର୍ ଦୀନବନ୍ଧୁ ସାହୁ, ସିନିୟର୍ ସେକ୍ସନ ଇଞ୍ଜିନିୟର୍ ନାରାୟଣ ବେହେରା, ଷ୍ଟେଶନ୍ ମ୍ୟାନେଜର୍ ଦୁର୍ଗାପ୍ରସାଦ ବ୍ରହ୍ମା, ଆସିଷ୍ଟାଣ୍ଟ ସିଗନାଲ୍ ଓ ଟେଲିକମ୍ ଇଞ୍ଜିନିୟର୍ ଆଦିତ୍ୟନାଥ ବେହେରା, ଚିଫ୍ ସାନିଟାରୀ ଇନ୍ସପେକ୍ଟର ଏମ୍. ଗୋପାଳକ୍ରିଷ୍ଣା, ସାନିଟାରୀ ଇନ୍ସପେକ୍ଟର ଆଶିଷ କୁମାର ଦାସ, ଆର୍‌ପିଏଫ୍ ଥାନା ଅଧିକାରୀ କରୁଣାକର ପାଣିଗ୍ରାହୀ, ଜିଆର୍‌ପି ଥାନା ଏଏସ୍‌ଆଇ ଆରତୀ ରଣା, ବରିଷ୍ଠ ନାଗରିକ ରାମେଶ୍ୱର ଶତପଥୀ ଓ ଜିଲା ଭାଜପା ସଭାପତି କାହ୍ନୁଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ ।



ବ୍ରହ୍ମପୁର ଷ୍ଟେଶନ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ।

■ ମା' ବୁଢ଼ୀ ଠାକୁରାଣୀ ଟ୍ରଫି ଉଦ୍‌ଯାପିତ

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ୍

**ବ୍ରହ୍ମପୁର ଅଫିସ୍,୪।୩**




ଚାମ୍ପିୟନ୍ ରାମେଶ୍ୱର ସ୍ପୋର୍ଟିଂ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଚାଲିଥିବା ସନ୍ନ୍ୟାସୀ ସାହୁ ସ୍ମାରକୀ ମା' ବୁଢ଼ୀ ଠାକୁରାଣୀ ଟ୍ରଫି ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆଲ୍‌ଫା ସ୍ପୋର୍ଟିଂ କ୍ଲବକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଚାମ୍ପିୟନ୍ ହୋଇଛି। ପ୍ରଥମ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରିଥିଲା। ୧୨ଓଭର୍‌ରେ ୫ ଉଇକେଟ୍ ହରାଇ ଦଳ ୧୩୧ରନ୍ କରିଥିଲା। ମୁରଲୀ ୪୫ ଏବଂ ଦେବାଶିଷ ୩୧ରନ୍ କରିଥିଲେ। ଜବାବରେ ଆଲ୍‌ଫା ୧୨ଓଭର୍‌ରେ ୯ ଉଇକେଟ୍‌ହରାଇ ୯୧ରନ୍ କରି ପରାସ୍ତ ହୋଇଥିଲା। ରାମେଶ୍ୱରର ସନ୍ତୋଷ ସେଠୀ ୩ ଉଇକେଟ୍ ନେଇଥିଲେ। ଏହି ମ୍ୟାଚ୍‌କୁ ରାମେଶ୍ୱର ୪୧ରନ୍‌ରେ ଜିତିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଆଲ୍‌ଫା ପ୍ରଥମେ ବ୍ୟାଟିଂ କରିଥିଲା। ୮ଓଭର୍‌ରେ ୫ ଉଇକେଟ୍ ହରାଇ ୭୨ରନ୍ କରିଥିଲା । ଜବାବରେ ରାମେଶ୍ୱର ୮ଓଭର୍‌ରେ ୩ ଉଇକେଟ୍ ହରାଇ ୭୬ରନ୍ କରି ବିଜୟୀ ହୋଇଥିଲା। ଦୁଇଟି ମ୍ୟାଚ୍‌ରେ ଜିତିଥିବା ଯୋଗୁ ରାମେଶ୍ୱରକୁ ବିଜୟୀ ଘୋଷଣା କରାଯାଇଥିଲା। ଏହା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସମ୍ମାନିତ ଅତିଥି ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଜେଡ଼ି ନେତା ବିକ୍ରମ ପଣ୍ଡା, ଆର୍. ମୁରଲୀ ମୋହନ, ଭଗବାନ ଗନ୍ତାୟତ, ଜ୍ୟୋତି ସୁବୁଦ୍ଧି, ଦଣ୍ଡପାଣି ନାୟକ, ମୁକୁନ୍ଦ ଗୌଡ଼ ଓ ମହମ୍ମଦ ଖଲିଲ୍ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ୍ ରାମେଶ୍ୱରକୁ ଟ୍ରଫି ସହ ୧୫ହଜାର ଟଙ୍କା ଏବଂ ରନର୍ସଅପ୍ ଆଲ୍‌ଫାକୁ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ରାମେଶ୍ୱରର ସନ୍ତୋଷ ସେଠୀଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ୍ ଏବଂ ଶ୍ରେଷ୍ଠ ବୋଲର୍, ମୁଜାକିର ଅଲି ଖାନ୍‌ଙ୍କୁ ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ୍, ଅମିନ ଇକ୍‌ବାଲ୍‌ଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ମହମ୍ମଦ କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ମାର୍ଚ୍ଚ ୫/୨୦୧୯ Berhampur, Tuesday, March 5 2019

## ସଂକ୍ଷେପରେ

### ଜଳିଗଲା ବାଇକ୍, କାରଣ ଅସ୍ପଷ୍ଟ



ଚିକିଟି,୪।୩(ଡି.ଏନ.ଏ.)-ଚିକିଟି ବ୍ଲକ୍ ଚାନ୍ଦପୁର ବଜାରରେ ସୋମବାର ରାତି ୭.୪୫ ମିନିଟରେ ଏକ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଦିଗପହଣ୍ଡି ବ୍ଲକ୍ ଭ୍ରମରପୁର ପଞ୍ଚାୟତ ବାଲିବାଡ ଗ୍ରାମର ବୁଲୁ ଦଳାଇ ବାଇକ୍ ଯୋଗେ ଚାନ୍ଦପୁର ବଜାରକୁ ଆସିଥିଲେ। ଦୋକାନ ନିକଟରେ ଗାଡି ରଖି ସଉଦା କିଣୁଥିବା ସମୟରେ ହଠାତ୍ ଗାଡିଟି ଜଳୁଥିବା ଦେଖି ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଗାଡିଟି ଜଳିବାର କାରଣ ଜଣାପଡିନାହିଁ। ଏ ନେଇ ନୂଆପଡା ଫାଣ୍ଡିରେ କୌଣସି ସୂଚନା ନଥିବା କହିଛନ୍ତି।

### ଭଲିବଲ ଟୁର୍ନାମେଣ୍ଟ, ନୂଆଗାଁ ଚାମ୍ପିୟନ

ଭଞ୍ଜନଗର,୪।୩(ଡି.ଏନ.ଏ.)-ଭଞ୍ଜନଗର ବ୍ଲକ ବ୍ରାହ୍ମଣପଦରରେ ଚାଲିଥିବା ମା' ବଡରାଉଳ ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ନୂଆଗାଁ ଓ ବେଲଗୁଣ୍ଠା ମଧ୍ୟରେ ଖେଳାଯାଇଥିଲା। ନୂଆଗାଁ ୩-୨ ସେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ବ୍ରାହ୍ମଣପଦର ସରପଞ୍ଚ ସୁଦେଷ୍ଣା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ପାତ୍ର, ପ୍ରଦ୍ୟୁମ୍ନ ନାୟକ, ବାଳକୃଷ୍ଣ ସାହୁ, ରବୀନ୍ଦ୍ର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଶୋକ ଦିଗାଲ, ମହେନ୍ଦ୍ର ଘଡେଇ, ମନୋଜ ଗୌଡ, ନାରାୟଣ ବିଷୋୟୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

### ଅଦିନିଆ ବର୍ଷା, କାନ୍ଥ ଭୁଶୁଡ଼ି ବୃଦ୍ଧ ଗୁରୁତର

ହିଞ୍ଜିଳିକାଟୁ, ୪।୩ (ଡ଼ି.ଏନ୍.ଏ): ହିଞ୍ଜିଳିକାଟୁ ମ୍ୟୁନିସପାଲଟି ୨୧ ନଂ. ୱାର୍ଡ଼ରେ ସୋମବାର ରାତିରେ ଅଦିନିଆ ବର୍ଷାରେ ଏକ ମାଟିଘର ଭୁଶୁଡି ପଡ଼ିବାରୁ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ବାସୁଦେବ ନାଇକ(୬୨)।
ପ୍ରକାଶ ଯେ, ସୋମବାର ରାତିରେ ହିଞ୍ଜିଳିକାଟୁ ଅଞ୍ଚଳରେ ଅଦିନିଆ ବର୍ଷା ହୋଇଥିଲା। ୨୧ ନଂ. ୱାର୍ଡ଼ରେ ରାତି ପ୍ରାୟ ସାଢ଼େ ୮ରେ ବର୍ଷାରେ ଭିଜିଥିବା ବାସୁଦେବଙ୍କ ଘର କାନ୍ଥ ଭୁଶୁଡି ପଡ଼ିଥିଲା। ଘର ଭିତରେ ଥିବା ବାସୁଦେବ କାନ୍ଥତଳେ ଚାପି ହୋଇଯାଇଥିଲେ। ଶିବରାତ୍ରି ହେତୁ ପରିବାରର ଅନ୍ୟମାନେ ମନ୍ଦିରକୁ ଯାଇଥିଲେ। ବାସୁଦେବଙ୍କ ଚିତ୍କାର ଶୁଣି ପଡିଶା ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ■ରାସ୍ତାରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

# ଯାତ୍ରୀଙ୍କୁ ପିଟିଲେ, ବାଦ୍ ପଡ଼ିଲେନି ପୋଲିସ

ଗୋପାଳପୁର,୪।୩

ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ କନିଷ୍ଠି ଢ଼ାବା ନିକଟରେ ଶନିବାର ବିଳମ୍ବିତ ରାତିରେ ୫ଜଣ ଦୁର୍ବୃତ୍ତ ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କ ଗାଡିକୁ ଅଟକାଇ ମାଡ ମାରିବା ସହ ଲୁଟ୍‌ପାଟ କରୁଥିଲେ। ଏଥିରୁ ବାଦ୍ ପଡି ନ ଥିଲେ ଗୋଳନ୍ଥରା ଥାନା ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସେଠୀ। ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣାରେ ସୋମବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଚୈତନ୍ୟ ଚନ୍ଦ୍ରପୁର ଶାସନର ସାନନ୍ଦ କୁମାର ପାଢ଼ୀ (୩୨), ରବି ନାରାୟଣ ପାଢ଼ୀ ଓ ଚିକିଟିପେଣ୍ଠର ରୁନା କୁମାର ସାହୁ (୩୦) ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଶନିବାର ରାତିରେ କନିଷ୍ଠି ଢାବା ନିକଟରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ, କାତି ଓ ଠେଙ୍ଗା ଧରି ସେହି ବାଟଦେଇ ଯାଉଥିବା କାର ଓ ବାଇକ ଚାଳକଙ୍କୁ ଅଟକାଇ ମାଡମାରି ଲୁଟ୍‌ପାଟ କରୁଥିଲେ। ଗୋଷାଣୀ ନୂଆଗାଁ ଅଞ୍ଚଳର ଜିତେନ୍ଦ୍ର ଗୌଡ଼ ୨ଜଣ ସାଙ୍ଗଙ୍କ ସହ ସେହି ରାସ୍ତା ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶୀକାର ହୋଇଥିଲେ। ରାତି ପ୍ରାୟ ଗୋଟାଏରେ ଭାରପ୍ରାପ୍ତ ଥାନାଧିକାରୀ ସେଠୀ କାରରେ ଘରକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଅଟକାଇ ଖଣ୍ଡାରେ ଡୋର୍‌କୁ ଚୋଟ ପକାଇଥିଲେ। ଖବର ପାଇ ଗୋଷାଣୀ ନୂଆଗାଁ ଓ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାନନ୍ଦ, ରବି ଓ ରୁନାଙ୍କୁ କାବୁ କରିଥିଲେ। ସେମାନଙ୍କ ଠାରୁ ଗୋଟିଏ କାର, ଗୋଟିଏ ସ୍କୁଟି, ଖଣ୍ଡା, ଲାଠି, ସୁନାମୁଦି, ୬ ହଜାର ଟଙ୍କା ଜବତ କରାଯାଇଛି। ଜିତେନ୍ଦ୍ର ଗୌଡ଼ଙ୍କ ଏତଲାକ୍ରମେ ପୋଲିସ ନଂ.୪୩/୧୯ରେ ମାମଲା ରୁଜୁ କରି ୩ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରିଛି। ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ଫେରାର ଡକାୟତଙ୍କୁ ଧରିବା ପାଇଁ ତାଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ସେ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ।

## ■ଭାଜପାର ବିଜୟ ସଂକଳ୍ପ ସମାବେଶ

# ସରକାର ଆସିଲେ କନ୍ଧମାଳକୁ ରେଳ ସଂଯୋଗ



ଭାଜପା ନେତ୍ରୀ ଅନୁ ଚୌଧୁରୀ ଉଦ୍‌ବୋଧନ ଦେଉଛନ୍ତି।

ଫୁଲବାଣୀ ଅଫିସ/ଫିରିଙ୍ଗିଆ,୪।୩

ପୂର୍ବରୁ ବିଭିନ୍ନ ରାଜ୍ୟରେ ଅସନ୍ତୁଳିତ ବିକାଶ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୫ ବର୍ଷ ହେଲା ସନ୍ତୁଳିତ ବିକାଶ ହୋଇଆସୁଛି। ୨୦୨୫ ବେଳକୁ ଭାରତ ପ୍ରମୁଖ ଆର୍ଥିକ ଅଗ୍ରଗତିରେ ବିଶ୍ୱରେ ୩ ପ୍ରମୁଖ ଦେଶ ମଧ୍ୟରେ ସ୍ଥାନ ପାଇବ। ୨୦ କୋଟି ଲୋକଙ୍କୁ ସାମାଜିକ ସୁରକ୍ଷା ମିଳିଛି। ୬ କୋଟି ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରାଯାଇଛି। ୩ କୋଟି ଗରିବ ପରିବାରଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ସୌଭାଗ୍ୟ ଯୋଜନାରେ କାମ ଚାଲିଛି। ଏଥିପାଇଁ ଓଡ଼ିଶା ସରକାରଙ୍କୁ ଟଙ୍କା ଦିଆଯାଇଛି। ମାତ୍ର ରାଜ୍ୟ ସରକାର ଏହା ଉପରେ ଧ୍ୟାନ ଦେଇ ନାହାନ୍ତି। ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ଭଲ ନାହିଁ, ମହିଳାମାନେ ଏଠାରେ ସୁରକ୍ଷିତ ନୁହନ୍ତି। ଜାତିବାଦ, ପରିବାରବାଦ୍‌କୁ ଲୋପ କରିବା ସମୟ ଏବେ ଆସିଛି। ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇ ପୁଣି କେନ୍ଦ୍ରରେ ମୋଦି ଏବଂ ଓଡ଼ିଶାରେ ଭାଜପା ସରକାର କରିବାକୁ ମନୋଜ ସିହ୍ନା ଆହ୍ୱାନ ଦେଇଥିଲେ। ଆଜିପର୍ଯ୍ୟନ୍ତ କନ୍ଧମାଳବାସୀ ରେଳ କ'ଣ ଜାଣି ନାହାନ୍ତି। ବ୍ରହ୍ମପୁର-ସମ୍ବଲପୁର ରେଳ ଲାଇନ କନ୍ଧମାଳ ଦେଇ ନିଶ୍ଚିତ ଯିବ ଏବଂ ଭାଜପା ସରକାର ଏହି କାର୍ଯ୍ୟ କରିବ ବୋଲି ସୋମବାର କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ସିହ୍ନା ଫିରିଙ୍ଗିଆ ଖେଳ ପଡିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଚଳଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ଯୋଗଦେଇ ଉପସ୍ଥିତ ଲୋକମାନଙ୍କ ମନୋରଞ୍ଜନ କରିବା ସହ ଭାଜପାକୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

ସମାବେଶରେ ଆଶାନୁରୂପକ ଭିଡ ଦେଖିବାକୁ ମିଳି ନ ଥିଲା, ଯାହା ମନ୍ତ୍ରୀଙ୍କୁ ନିରାଶ କରିଥିଲା। ମାତ୍ର ୧୫ ମିନିଟ୍ ରହି ପଳାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ, ଦେବନାରାୟଣ ପ୍ରଧାନ, ଜିଲା ଭାଜପା ସଭାପତି ଲିଙ୍ଗରାଜ ଦଳବେହେରା, ସାଧାରଣ ସମ୍ପାଦକ ଭଗବାନ ମହାନ୍ତି, ଫିରିଙ୍ଗିଆ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ଉପ ସଭାପତି ଅଙ୍ଗଦ ବେହେରା, ମଣ୍ଡଳ ସଭାପତି ବସନ୍ତ ପ୍ରଧାନ, ଶରତ ଚନ୍ଦ୍ର କହଁର, ଯୁବ ମୋର୍ଚ୍ଚା ସଦସ୍ୟ ରଘୁପତି କହଁର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ୫ ଭରି ସୁନା, ୫୦ ହଜାର ଲୁଟିନେଲେ ଦୁର୍ବୃତ୍ତ

ଚିକିଟି,୪।୩(ଡି.ଏନ.ଏ.)

ବାହିନୀପତି ଗ୍ରାମସ୍ଥିତ ରାମନାଥ ପାଢ଼ୀଙ୍କ ଘରେ ରବିବାର ମଧ୍ୟରାତ୍ରିରେ ଲୁଟେରାମାନେ ପଶି ୫ ଭରି ସୁନାର ଅଳଙ୍କାର ଓ ନଗଦ ୫୦ ହଜାର ଟଙ୍କା ଚୋରି କରିଛନ୍ତି। ଏ ନେଇ ଚିକିଟି ଫାଣ୍ଡିରେ ସୋମବାର ସକାଳେ ରାମନାଥଙ୍କ ପକ୍ଷରୁ ଏତଲା ଦିଆଯିବା ପରେ ଘଟଣାସ୍ଥଳରେ ଚିକିଟି ଫାଣ୍ଡି ଅଧିକାରୀ ବିଜୟ ପ୍ରଧାନ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ସମସ୍ତେ ଶୋଇଥିବା ବେଳେ ଲୁଟେରାମାନେ ବାରିପଟ କବାଟ ଭାଙ୍ଗି ଘରେ ପଶି ଟଙ୍କା ଓ ସୁନା ଲୁଟିନେଇଥିଲେ।

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଇଲାକାରେ ଗତ କିଛିଦିନ ହେଲା ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଲୁଟେରାମାନେ ଗତ ୨୨ ତାରିଖରେ କଳିଙ୍ଗଦଳା ଗ୍ରାମର ନିନା ବେହେରା ଚିକିଟିସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିସରରେ ଥିବା ସ୍ୱାଇପ୍ ମେଶିନ୍ ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଉଥିବା ବେଳେ କୌଶଳକ୍ରମେ ଏଟିଏମ୍‌କୁ ବଦଳାଇ ୪୫ହଜାର ଟଙ୍କା ନେଇଯାଇଥିଲେ। ୧୦ଦିନ ବିତି ଯାଇଥିଲେ ସୁଦ୍ଧା ଲୁଟେରାଙ୍କ ଟେର ପାଉନି ପୋଲିସ। ଏ ସମ୍ପର୍କରେ ଚିକିଟି ଫାଣ୍ଡି ଅଧିକାରୀ ବିଜୟ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ଘଟଣାର ତଦନ୍ତ ଚାଲିଛି। ଶୀଘ୍ର ଲୁଟେରାଙ୍କୁ କାବୁ କରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ପୋଲସରା,୪।୩(ଡି.ଏନ.ଏ.)

ପୋଲସରା ବ୍ଲକ ଜକର ଗ୍ରାମପଞ୍ଚାୟତ ଜକର ଗ୍ରାମରେ ସୋମବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ସରିତା ସାମନ୍ତରା। କବିସୂର୍ଯ୍ୟନଗର ଥାନାଧିକାରୀ ତପନ କୁମାର ପତି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି।

ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଆଗରେ ସରିତାଙ୍କ ଅଜା ବିଜୟ କୁମାର ସାହୁ କହିବା ସହ ଥାନାଧିକାରୀ ପତିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏତଲା ଅନୁଯାୟୀ, ୪ ବର୍ଷ ପୂର୍ବେ ଜକର ଗ୍ରାମରେ ସରିତାଙ୍କ ବିବାହ ହୋଇଥିଲା। ତାଙ୍କର ୩ ବର୍ଷର ସନ୍ତାନଟିଏ ମଧ୍ୟ ଅଛି। ବିବାହ ପରଠାରୁ ଅଧିକ ଯୌତୁକ ଆଣିବା ଲାଗି ଦାବି କରିବା ସହ ବିଭିନ୍ନ ସମୟରେ ଶ୍ୱଶୁର ଘର ଲୋକେ ମାରପିଟ୍ ମଧ୍ୟ କରୁଥିଲେ। ଅଧିକ ଯୌତୁକ ଦାବି କରି ମୋ ନାତୁଣୀଙ୍କୁ ହତ୍ୟା କରିଥିବା ନେଇ ଥାନାରେ ବିଜୟ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ନଂ. ୫୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ବାଲିଛାଇ ଫାଣ୍ଡି ଅଧିକାରୀ ଉମା ଚରଣ ପ୍ରହରାଜ ସୂଚନା ଦେଇଛନ୍ତି। ଉକ୍ତ ଘଟଣାରେ ସରିତାଙ୍କ ସ୍ୱାମୀଙ୍କୁ ଅଟକ ରଖାଯାଇଛି। ଘଟଣାସ୍ଥଳରେ ଉପଖଣ୍ଡ ଅଧିକାରୀ ନିମାଇଁ ଚରଣ ସେଠୀ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପ୍ରଧାନ, କବିସୂର୍ଯ୍ୟନଗର ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ମ୍ୟାଲେରିଆ, ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

# ୩୫ ଗ୍ରାମରେ ଚାଲିଛି ସଚେତନତା

ଦାରିଙ୍ଗବାଡି,୪।୩ (ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ମ୍ୟାଲେରିଆ, ଡାଇରିଆ ଏବଂ ଡେଙ୍ଗୁ ରୋକିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମଶାରି ଟାଙ୍ଗି ଶୋଇବା ସହ ଖାଇବା ପୂର୍ବରୁ ହାତ ଧୋଇବା, ଘର ଚାରିପାଖେ ସଫାସୁତୁରା ରଖିବା, ପାଣି ଯେପରି ନ ଜମିବ ସେଥିପ୍ରତି ଦୃଷ୍ଟି ଦେବାକୁ ସଚେତନତା କରାଯାଉଛି। ଏନେଇ ଗାଁ ଗାଁରେ ପାରମ୍ପରିକ ଜନଜାତି ଭାଷା ଏବଂ ନୃତ୍ୟ ଓ ନାଟକ ମାଧ୍ୟମରେ ସଚେତନ କରାଯାଉଛି। ବ୍ଲକର ଦୁର୍ଗମ ପଞ୍ଚାୟତ ଗୁଡିକରେ ରହିଥିବା ଗ୍ରାମରେ ସଚେତନ ଅଭାବରୁ ଲୋକେ ମ୍ୟାଲେରିଆରେ ପ୍ରାଣ ହରାଉଛନ୍ତି। ଏଥିରୁ ରକ୍ଷା ପାଇବାକୁ ସରକାର ଦେଉଥିବା ଔଷଧୀୟ ମଶାରି ଟାଣି ଶୋଇବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସ୍ୱାସ୍ଥ୍ୟକମିଟି ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ସ୍ଥାନୀୟ କଳାକାର ତଥା ବନଶ୍ରୀ କଳା ସଂସ୍କୃତି ଯୁବ ପରିଷଦ ସିମନବାଡି (କୁମ୍ଭାରମୁଣ୍ଡା)ର କଳାକାରମାନଙ୍କ ଦ୍ୱାରା ସଚେତନ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଦର୍ଶକ ରହି ସଚେତନ ହେବା ସହ ଜାଣିବା ପାଇଁ ବିଭିନ୍ନ ପ୍ରଶ୍ନ ପଚାରୁଥିବା ଅନୁଷ୍ଠାନର ସଭାପତି ଉଦେଶ୍ୱର ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ବୁଲୁ ଡିଗଲ୍, ଅନୁଷ୍ଠାନର ଉପସଭାପତି ଶୋଭରାଜ ପ୍ରଧାନ, କବିତା ପ୍ରଧାନ, ରିନା ପ୍ରଧାନ, ସମିର ପ୍ରଧାନ, ରାଜୁ ଦିଗାଲ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ରହିଛନ୍ତି। ଜିଲାର ବିଭିନ୍ନ ବ୍ଲକରେ ଏହି କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯିବ ବୋଲି ନିର୍ଦ୍ଦେଶକ ବୁଲୁ ଡିଗଲ୍ କହିଛନ୍ତି।



ନାଟକ ମାଧ୍ୟମରେ କଳାକାରମାନେ ଲୋକଙ୍କୁ ସଚେତନ କରାଉଛନ୍ତି।

## ■ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି

# ଜିଲାପାଳ, ଏସ୍‌ପିଙ୍କ ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ



ଜିଲାପାଳ ଓ ଏସ୍‌ପି କଲେଜ ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର,୪।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନ ତାରିଖ ଖୁବ୍‌ଶୀଘ୍ର ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହେବ। ଏହାପୂର୍ବରୁ ପୋଲିସ ପ୍ରଶାସନ ପକ୍ଷରୁ ନିର୍ବାଚନ ପାଇଁ ଆବଶ୍ୟକ ପ୍ରସ୍ତୁତିପର୍ବ ଚାଲିଛି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଆସିକା, ସୋରଡା ଓ ଭଞ୍ଜନଗର ନିର୍ବାଚନମଣ୍ଡଳୀର ଭିଭିପାଟ୍ ମେଶିନ ରହିବା ସହ ଭୋଟଗଣତି ମଧ୍ୟ ହେବ। ଏଠାରୁ ନିର୍ବାଚନରେ ନିୟୋଜିତ କର୍ମଚାରୀମାନେ ବୁଥ୍‌କୁ ମଧ୍ୟ ଯିବେ। ଆଉ କିଛିଦିନ ମଧ୍ୟରେ ଭିଭିପାଟ୍ ମେଶିନ ଆସି କଲେଜରେ ପହଞ୍ଚିବ। ତେଣୁ ଷ୍ଟ୍ରଙ୍ଗରୁମ୍ କିଭଳି ହେବ, ମତଗଣନା ପ୍ରମୁଖ ବିଷୟରେ ଅନୁଧ୍ୟାନ ପାଇଁ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଓ ଏସ୍‌ପି ବ୍ରିଜେଶ କୁମାର ରଏ ସୋମବାର କଲେଜ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସେମାନେ ବିଭିନ୍ନ ବିଷୟ ଉପରେ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ୍, ଏସ୍‌ଡିପିଓ ଏସ୍. ଏସ୍. ମିଶ୍ର, କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ଥାନା ଅଧିକାରୀ ସୁଦିପ ସାହୁ, କଲେଜ ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ. ରବୀନ୍ଦ୍ର ନାଥ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ■ଘୁମୁସର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ

# ଭଞ୍ଜନଗରକୁ ହରାଇ ଫୁଲବାଣୀ ସେମିରେ



୨ଦଳର ଖେଳାଳିଙ୍କ ଗହଣରେ ଅତିଥିମାନେ।

ଭଞ୍ଜନଗର,୪।୩(ଡି.ଏନ.ଏ.)

ଭଞ୍ଜନଗର ଜେଲ ପଡିଆରେ ଚାଲିଥିବା ଘୁମୁସର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଗ୍ରୁପ୍-ବି'ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଭଞ୍ଜନଗର ଓ ଫୁଲବାଣୀ ଫୁଟବଲ ଆସୋସିଏଶନ ମଧ୍ୟରେ ଖେଳାଯାଇଥିଲା। ଫୁଲବାଣୀ ପେନାଲ୍ଟି ଜରିଆରେ ୩-୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ରେଫରୀ ପି.ରମେଶ ଓ ଲାଇନ୍ସମ୍ୟାନ୍ ପ୍ରେମଚାନ୍ଦ ସିଂ, ସରୋଜ ମହାରଣା ଥିବାବେଳେ ମିଥୁନ ମହାରଣା ଚତୁର୍ଥ ରେଫରୀ ଥିଲେ। ମ୍ୟାଚ୍‌ରେ ଆଇଆରବି ଭଞ୍ଜନଗର ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଉମେଶ ଚନ୍ଦ୍ର ଜେନା, ପୂର୍ବତନ ଖେଳାଳୀ ପ୍ରଫୁଲ୍ଲ ତ୍ରିପାଠୀ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀଳାମ୍ବର ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଭୁବନେଶ୍ୱର କିଶୋର କ୍ଲବ ଓ ବଡଦ ମା' ଭୈରବୀ କ୍ଲବ ମଧ୍ୟରେ ମ୍ୟାଚ୍ ହେବ।

# ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି

**ଭଞ୍ଜନଗର:** ଭଞ୍ଜନଗର ବେଲେଶ୍ୱର ପୀଠରେ ସୋମବାର ମହାଶିବରାତ୍ରି ଅବସରରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ରବିବାର ରାତିରୁ ଏଠାରେ ଅଷ୍ଟପ୍ରହର ନାମଯଜ୍ଞ, ଅନ୍ନଯଜ୍ଞ ସହ ସନ୍ଧ୍ୟାରେ ଓମ୍ ସଙ୍ଗୀତ ଏକାଡେମୀ ନିର୍ଦ୍ଦେଶକ ଗୁରୁ ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଭଜନ ପରିବେଷଣ ହୋଇଥିଲା। ରଘୁନାଥ ମନ୍ଦିର, ଭେଜିପୁଟ, ତୁତୁଆ, ଗୋଲାପଡା ଆଦି ଶୈବପୀଠଗୁଡିକରେ ଭକ୍ତଙ୍କ ଭିଡ଼ ହୋଇଥିଲା। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

**ଆସିକା:** ଆସିକା ସହର ତଥା ଆଖପାଖ ଗ୍ରାମାଞ୍ଚଳରେ ସୋମବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ବିଭିନ୍ନ ଶୈବ ପୀଠରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ ପରେ ସନ୍ଧ୍ୟା ପରେ ମହାଦୀପ ଦର୍ଶନ ଓ ମନ୍ଦିର ବେଢାରେ ଜାଗର ପାଳିବା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ବୃଦ୍ଧି ପାଇଥିଲା। ଆସିକାର ଚନ୍ଦ୍ରକଣ୍ଣେଶ୍ୱର, ସୁବର୍ଣ୍ଣେଶ୍ୱର, ନର୍ମଦେଶ୍ୱର, ତ୍ରିବିଧେଶ୍ୱର ଆଦି ପୀଠରେ ଜାଗର ଯାତ୍ରା ହୋଇଥିଲା।



ଭଞ୍ଜନଗର ବେଲେଶ୍ୱର ପୀଠ।



ଆଲୋକମାଳାରେ ସଜାଯାଇଛି ସୋରଡା ଯଜ୍ଞେଶ୍ୱର ପୀଠ।

**ପୋଲସରା:** ପୋଲସରା ଏନ୍‌ଏସିର ରାଣୀପଡ଼ାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ମହାଶିବରାତ୍ରି ଜାଗର ପର୍ବ ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜଯୋଗିନୀ ଭଉଣୀ ଭାଇମାନଙ୍କ ଗହଣରେ ରହି ପତାକା ଉତ୍ତୋଳନ କରିଥିଲେ। ଶାନ୍ତି ଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜଯୋଗିନୀ ଗୀତା, ଦୀପ୍ତିମୟୀ, ମମତା, କଳ୍ପନାଙ୍କ ସମେତ ଶତାଧିକ ଭଉଣୀ ଭାଇ ଯୋଗ ଦେଇଥିଲେ।

**ବାଲିଗୁଡ଼ା:** ବାଲିଗୁଡ଼ା ସଦର ଟାଉନ୍ ତଥା ଏହାର ଆଖପାଖ ଅଞ୍ଚଳରେ ମହାଶିବରାତ୍ରି ଓ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ପ୍ରତ୍ୟୁଷରୁ ଭକ୍ତମାନେ ପ୍ରତ୍ୟେକ ମନ୍ଦିର ଦର୍ଶନ କରି ଶୈବପୀଠ ଗୁଡ଼ିକରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ଟାଉନ୍‌ର ବିରୁପାକ୍ଷ ମନ୍ଦିର, ରାମେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର ଆଦି ଶୈବପୀଠରେ ଅଷ୍ଟପ୍ରହର ନାମଯଜ୍ଞ, ଜ୍ଞାନଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞର ଆୟୋଜନ ହୋଇଥିଲା। ଚକାପାଦର ବିରୁପାକ୍ଷ ମନ୍ଦିର ଓ ଜାଲେସପଙ୍ଗାର ଜଲେଶ୍ୱର ମନ୍ଦିର ପରିସରରେ ୨ ଦିନ ଧରି ବହୁ ଭକ୍ତ ଜିଲା ବାହାରୁ ଆସି ପୂଜାର୍ଚ୍ଚନା କରି ମନସ୍କାମନା ପୂର୍ଣ୍ଣ କରିଥିଲେ। ଉପାସକଧାରୀ ମାନେ ରାତ୍ରରେ ଉଜାଗର ରହି ମହାଦୀପ ଦର୍ଶନର ସୁଯୋଗ ନେଇଥିଲେ।

**ସୋରଡ଼ା:** ଗାଜଲବାଡ଼ି ପଞ୍ଚାୟତ ଯଜ୍ଞେଶ୍ୱର ପୀଠ ସୋମବାର ଚଳଚଞ୍ଚଳ ରହିଛି। ଚଳିତବର୍ଷ ଏଠାରେ ୧୨ ହଜାର ୩୦୮ ଦୀପ ପ୍ରଜ୍ୱଳନ କରାଯାଇଛି। ଅପରାହ୍ନରେ କଳସଯାତ୍ରା ସମେତ ନାମଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ ଆରମ୍ଭ ହୋଇ ଭୋର ପର୍ଯ୍ୟନ୍ତ ଚାଲିଥିଲା। ମନ୍ଦିର ପରିସରକୁ ଆଲୋକମାଳାରେ ସଜାଯାଇଥିଲା। ଗଞ୍ଜାମ, କନ୍ଧମାଳ, ଗଜପତି ଜିଲାର ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ସେହିପରି ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ମର୍ନିଂ ଟିମ୍ ପକ୍ଷରୁ ଜ୍ଞାନଯଜ୍ଞ, ନାମଯଜ୍ଞ ଆଦି ହୋଇଥିଲା। ଶିବ ପଣ୍ଡା, ରାଜେଶ ପାତ୍ର, ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ସଦସ୍ୟମାନେ ପରିଚାଳନା କରିଥିଲେ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ